'ଅର୍ଣ୍ଣବ' ପାଇଁ ଓସିଏସ୍ ପରୀକ୍ଷା ସୂଚୀରେ ପରିବର୍ତ୍ତନ

କଟକ, ୨୬/୧୦(ଇମିସ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ମୁଖ୍ୟ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ୨୯ ତାରିଖରେ ହେବାକୁ ଥିବା ଓଡ଼ିଆ ଓ ଇଂରାଜୀ ଭାଷା ପରୀକ୍ଷାକୁ ୩୧ ତାରିଖକୁ ଏବଂ ୩୦ ତାରିଖରେ ହେବାକୁ ଥିବା ପ୍ରବନ୍ଧ ପେପର-୧ ପରୀକ୍ଷାକୁ ନଭେମ୍ବର ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ତେବେ ନଭେମ୍ବର ୨ ତାରିଖରେ ହେବାକୁ ଥିବା ଜେନେରାଲ୍ ଷ୍ଟଡିଜ୍ ପେପର-୧ ଓ ୨, ୪ ତାରିଖରେ ହେବାକୁ ଥିବା ଜେନେରାଲ ଷ୍ଟଡିଜ୍ ପେପର-୩ ଓ ୪ ଏବଂ ୭ ତାରିଖରେ ହେବାକୁ ଥିବା ଅପ୍‌ସନାଲ୍ ବିଷୟ ପେପର-୧ ଓ ୨ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଥିବା ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

କଳାବଜାର ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ

- ବାତ୍ୟା ମୁକାବିଲା ପାଇଁ ବିଭିନ୍ନ ବିଭାଗର ସମୀକ୍ଷା
- ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ
- ଶକ୍ତି ବିଭାଗର ଜରୁରିକାଳୀନ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର,୨୬/୧୦ (ଇମିସ): ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଅହେତୁକ ବୃଦ୍ଧି ପାଇଛି। ଏହାକୁ ନଜରରେ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି ଯେ ଯଦି କେହି ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର କରୁଥିବା ଜଣାପଡ଼େ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏହା ଉପରେ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ନଜର ରଖିବାକୁ କୁହାଯାଇଛି। ଲୋକେ ଏ ସଂକ୍ରାନ୍ତରେ ସ୍ଥାନୀୟ ମୁଖ୍ୟ ଯୋଗାଣ ଅଧିକାରୀ କିମ୍ବା ଯୋଗାଣ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି।

ସେପଟେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଅଞ୍ଚଳରେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ଲାଗି ଅତ୍ୟାବଶ୍ୟକ ଔଷଧ ଓ ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡାଇରିଆ, ହଇଜା, ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଜଳବାହିତ ଏବଂ ଭେକ୍ଟରଜନିତ ରୋଗ ଉପରେ ନିରନ୍ତର ନଜର ରଖିବା ଓ ଆବଶ୍ୟକସ୍ଥଳେ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ରାଜ୍ୟ ଏବଂ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଛି। ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଜରୁରିକାଳୀନ ସମୟକୁ ଗୁରୁତ୍ୱ ଦେଇ ବିଦ୍ୟୁତ୍ ଗ୍ରିଡ୍‌ର ସୁରକ୍ଷା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ସେବା ଅବ୍ୟାହତ ରଖିବା ଓ ତୁରନ୍ତ ପୁନରୁଦ୍ଧାର ପାଇଁ ଓପିଟିସିଏଲ୍ ପକ୍ଷରୁ ଏକ କେନ୍ଦ୍ରସ୍ତରୀୟ କମାଣ୍ଡ ନେଟୱାର୍କ ସ୍ଥାପନ କରାଯାଇଛି। ଟିପିସିଓଡିଏଲ୍ ପାଇଁ ବ୍ରହ୍ମପୁରର ଆମ୍ବଗଡ଼ଠାରେ କେନ୍ଦ୍ରୀୟ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଗ୍ରାହକଙ୍କ ପାଇଁ ୯୧୨୪୨୯୩୩୧୪ କିମ୍ବା ଟୋଲ୍ ଫ୍ରି ନମ୍ବର୧୯୧୨/୧୮୦୦୨୦୨୬ ଜାରି କରାଯାଇଛି। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍, ଆଦି ଶକ୍ତି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ବାତ୍ୟା ପାଇଁ ୧୨ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୨୬/୧୦(ଇମିସ): ବାତ୍ୟା 'ଅର୍ଣ୍ଣବ'କୁ ନଜରରେ ରଖି ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ୧୨ଟି ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଛି। ବିଶାଖାପାଟଣା-କିରନ୍ଦୁଲ ଏକ୍ସପ୍ରେସ୍ ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ହୋଇଛି। ବିଶାଖାପାଟଣା-କୋରାପୁଟ ପାସେଞ୍ଜର ଟ୍ରେନ୍ ଆସନ୍ତା ୨୭ରୁ ୩୦ ତାରିଖ ଓ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ବିଶାଖାପାଟଣା-କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ୍ ୩୦ ଓ ୩୧ ତାରିଖରେ ଯିବା ଆସିବା ବାତିଲ ହୋଇଛି। ବିଶାଖାପାଟଣା-କିରନ୍ଦୁଲ ପାସେଞ୍ଜର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି। ରାଉରକେଲା-ଜଗଦଳପୁର ଏକ୍ସପ୍ରେସ୍ ୨୯ରୁ ନଭେମ୍ବର ୪ ଓ ଜଗଦଳପୁର-ରାଉରକେଲା ଏକ୍ସପ୍ରେସ୍ ୩୦ରୁ ନଭେମ୍ବର ୫ ଏବଂ ହାୱଡ଼ା-ଜଗଦଳପୁର ଏକ୍ସପ୍ରେସ୍ ୨୭ରୁ ୩୦ ଓ ଜଗଦଳପୁର-ହାୱଡ଼ା ଏକ୍ସପ୍ରେସ୍ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ବାତିଲ ହୋଇଛି। ଭୁବନେଶ୍ୱର-ଜଗଦଳପୁର ହୀରାଖଣ୍ଡ ଏକ୍ସପ୍ରେସ୍ ୨୭ରୁ ୩୦ ତାରିଖ ଯାଏଁ ରାୟଗଡ଼ା ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଡିଏଲ୍ଇଡି ମୂଲ୍ୟାୟନ ୨୯ରୁ

୫ ଜିଲ୍ଲାରେ ମୂଲ୍ୟାୟନ ସ୍ଥଗିତ

କଟକ,୨୬/୧୦(ଇମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ଡିପ୍ଲୋମା-ଇନ୍-ଏଲିମେଣ୍ଟାରି ଏଜୁକେସନ(ଡିଏଲ୍-ଇଡି) ପରୀକ୍ଷାର ଖାତା ମୂଲ୍ୟାୟନ ଚଳିତ ମାସ ୨୯ରୁ ଆରମ୍ଭ ହୋଇ ନଭେମ୍ବର ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷା ଖାତାଗୁଡ଼ିକ ଡିଜିଟାଲ୍ ଶୈଳୀରେ ମୂଲ୍ୟାୟନ କରାଯିବ ଏବଂ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ କରାଯିବାକୁ ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। କିନ୍ତୁ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୫ଟି ଜିଲ୍ଲାରେ ଏହି ମୂଲ୍ୟାୟନ ୩/୪ଦିନ ପାଇଁ ସ୍ଥଗିତ ରଖାଯିବ। କିନ୍ତୁ ଠିକ୍ ସମୟରେ ଫଳ ପ୍ରକାଶ କରାଯିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ଭାରତ ସରକାର

ସାର୍ବଜନୀନ ବିଜ୍ଞପ୍ତି

ବଜାର ପରାମର୍ଶ ଅଧିବେଶନ

୧୧ଟି ବିମାନବନ୍ଦର ପାଇଁ ପ୍ରସ୍ତାବିତ ପିପିପି ରିହାତି ବ୍ୟବସ୍ଥା

ଦେଶର ବିମାନବନ୍ଦର ଭିତ୍ତିଭୂମିର ପରିଚାଳନା, ନିୟନ୍ତ୍ରଣ ଓ ବିକାଶ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ୧୧ ଗୋଟି ବିମାନବନ୍ଦରକୁ ପାଞ୍ଚଟି ଗୋଷ୍ଠୀରେ ବିଭକ୍ତ କରି ସେଗୁଡ଼ିକ ପାଇଁ ବ୍ରାଉନ୍ ଫିଲ୍ଡ ସାର୍ବଜନୀନ-ଘରୋଇ ସହଭାଗିତା (ପିପିପି) ଆଧାରିତ ରିହାତି ବ୍ୟବସ୍ଥାର ତୃତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ପ୍ରସ୍ତାବ ରଖିଛନ୍ତି।
ଏହି ପରିପ୍ରେକ୍ଷୀରେ, ପ୍ରସ୍ତାବିତ କାରବାର ସମ୍ପର୍କରେ ଅବଗତ କରାଇବା, ପ୍ରସ୍ତାବିତ ରିହାତି ଢାଞ୍ଚାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଉପସ୍ଥାପନ କରିବା ତଥା ସମ୍ଭାବ୍ୟ ଅଂଶୀଦାରମାନଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିବା ନିମନ୍ତେ ମନ୍ତ୍ରଣାଳୟ ପକ୍ଷରୁ ବଜାର ପରାମର୍ଶ ଅଧିବେଶନ ଆୟୋଜନ କରାଯାଉଅଛି।

ଦିଲ୍ଲୀ ଅଧିବେଶନର ବିବରଣୀ

ଶୁକ୍ରବାର, ୩୦ ଅକ୍ଟୋବର, ୨୦୨୬	ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା (ଆଇଏସଟି)	ଏଏଆଇଏଆଇ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ	ମାଧ୍ୟମ କେବଳ ବ୍ୟକ୍ତିଗତ ଉପସ୍ଥିତି

ଅଂଶଗ୍ରହଣ ପାଇଁ ଅନୁରୋଧ ପ୍ରକ୍ରିୟା

ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସଂସ୍ଥାମାନେ ନିଜର ଅଫିସିଆଲ୍ ଇମେଲ୍ ଠିକଣାରୁ ସଂସ୍ଥାର ସଂକ୍ଷିପ୍ତ ପରିଚୟ, ଉପସ୍ଥିତ ରହୁଥିବା ପ୍ରତିନିଧିମାନଙ୍କ ନାମ (ସଂସ୍ଥା ପିଛା ସର୍ବାଧିକ ୨ ଜଣ ପ୍ରତିନିଧି), ସେମାନଙ୍କ ପଦବୀ, ଅଫିସିଆଲ୍ ଇମେଲ୍ ଆଇଡି, ଫୋନ୍ ନମ୍ବର ଏବଂ ଠିକଣା ସହ ନିମ୍ନଲିଖିତ ଇମେଲ୍ ଠିକଣାକୁ ପଠାଇବାକୁ ଅନୁରୋଧ।

ଇମେଲ୍: gmslu@aai.aero

ଉତ୍ତର ଦାଖଲର ଶେଷ ସମୟ: ବୁଧବାର, ୨୮ ଅକ୍ଟୋବର ୨୦୨୬, ଅପରାହ୍ନ ୫:୦୦ ଘଟିକା ସୁଦ୍ଧା

ମନ୍ତ୍ରଣାଳୟ ପ୍ରାପ୍ତ ହୋଇଥିବା ଅଂଶଗ୍ରହଣ ଅନୁରୋଧଗୁଡ଼ିକର ସମୀକ୍ଷା କରିବେ ଏବଂ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସଂସ୍ଥାଗୁଡ଼ିକର ମନୋନୀତ ପ୍ରତିନିଧିମାନଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ସହିତ ପ୍ରବେଶ ପତ୍ର ପ୍ରଦାନ କରିବେ।
ମୁମ୍ବାଇ ଅଧିବେଶନର ତାରିଖ ଏବଂ ସ୍ଥାନ ସମ୍ପର୍କରେ ମନ୍ତ୍ରଣାଳୟର ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ।

ଏହି ପ୍ରକ୍ରିୟା କେବଳ ବଜାର ସମ୍ପର୍କିତ ପରାମର୍ଶ ଗ୍ରହଣ ନିମନ୍ତେ ଉଦ୍ଦିଷ୍ଟ। ଏହା କୌଣସି ଟେଣ୍ଡର କିମ୍ବା ନିଲାମ ଡାକର ଆମନ୍ତ୍ରଣ ନୁହେଁ। ଏଥିରେ ଅଂଶଗ୍ରହଣ କରିବା ଦ୍ୱାରା ପରବର୍ତ୍ତୀ ବିଡିଂ ପ୍ରକ୍ରିୟାରେ କୌଣସି ପ୍ରକାରର ଅଗ୍ରାଧିକାର ମିଳିବ ନାହିଁ।

CBC 03111/15/0013/2627

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

SBI

କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ: ଆରବିଓ - ୨, ବାଲେଶ୍ୱର, ୧ମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ ଗୃହ, ବାଲେଶ୍ୱର, ଶିଳ୍ପାଞ୍ଚଳ କ୍ଷେତ୍ର, ଓ.ଟି. ରୋଡ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧, ଇ-ମେଲ୍ - cmops2.aobal@sbi.co.in ; rm2.aobal@sbi.co.in

କମର୍ଦ୍ଦା ଠାରେ ନୂତନ ଶାଖା ଖୋଲିବା ନିମନ୍ତେ ଲିଜ୍ ଭିତ୍ତିରେ ବାଣିଜ୍ୟିକ ଗୃହ ଆବଶ୍ୟକ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ(ଆରବିଓ-୨) ବାଲେଶ୍ୱର, ଏହାର ନିମ୍ନଲିଖିତ ଶାଖା ଖୋଲିବା ନିମନ୍ତେ ଉତ୍ତମ ଗମନାଗମନ ଏବଂ ପାର୍କିଂ ସୁବିଧା ସହିତ ଆବଶ୍ୟକୀୟ ସ୍ଥାନରେ **ବିଶେଷତଃ ତଳ ମହଲାରେ** ପ୍ରସ୍ତୁତ ରହିଥିବା ଗୃହ କିମ୍ବା ଏହି ବିଜ୍ଞାପନ ପ୍ରକାଶନ ତାରିଖଠାରୁ **୬ ମାସ** ମଧ୍ୟରେ କୋଠା ହସ୍ତାନ୍ତର ପାଇଁ ପ୍ରସ୍ତୁତ/ଖୋଲା ପ୍ଲଟ୍ ଏବଂ ଅଧିକୃତ ନିମନ୍ତେ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକୀୟ ବାଣିଜ୍ୟିକ ଗୃହ ପାଇଁ ମାଲିକାନା ଥିବା ପିଏସୟୁ/ସରକାରୀ ବିଭାଗ/ପ୍ରମୋଟର୍ସ/ଘରୋଇ ପକ୍ଷ/ଟ୍ରଷ୍ଟମାନଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ଆଗ୍ରହୀ ପକ୍ଷମାନେ ଟେଣ୍ଡର କାଗଜାତ୍ ୱେବସାଇଟ୍ **https://sbi.bank.in/web/sbi-in-the-news** ଅନ୍ତର୍ଗତ **"SBI in the News - Procurement News"**ରୁ ତା.୨୭.୧୦.୨୦୨୬ରିଖରୁ ତା.୧୭.୧୧.୨୦୨୬ରିଖ ମଧ୍ୟରେ ଡାଉନ୍‌ଲୋଡ କରିପାରିବେ। ଉପରଦର୍ଶିତ ଠିକଣାରେ **୨ଟି କଭର ବ୍ୟବସ୍ଥା** ମାଧ୍ୟମରେ, ବ୍ୟକ୍ତିଗତ ଭାବେ କିମ୍ବା ଡାକ ଦ୍ୱାରା, ତା.୧୮.୧୧.୨୦୨୬ରିଖ **ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପ୍ରସ୍ତାବ ଦାଖଲ କରିପାରିବେ।

କ୍ର. ନଂ.	ଶାଖାର ନାମ	ଟେଣ୍ଡର ନଂ.	ଆବଶ୍ୟକୀୟ ସ୍ଥାନ	ଆବଶ୍ୟକ କାର୍ପେଟ୍ ଏରିଆ (+/- ୧୦%)	ଖୋଲା ପାର୍କିଂ ସ୍ଥାନ ଏବଂ ଡିଜି ସ୍ଥାନ	୩ଫେଜ୍ ସ୍ଥିର ବିଦ୍ୟୁତ ସଂଯୋଗ
୧.	ଏସ୍‌ବିଆଇ-କମର୍ଦ୍ଦା	AO/BLS/R-II/ OCT/2026-27/07 Dated: 27.10.2026	ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ଏବଂ କମର୍ଦ୍ଦା ମାର୍କେଟ ଏରିଆରେ	୩୦୦୦ ବର୍ଗଫୁଟ	୧୦୦୦-୧୫୦୦ ବର୍ଗଫୁଟ	୪୦ KW

ଦ୍ରଷ୍ଟବ୍ୟ: ଏହି ସମ୍ବନ୍ଧୀୟ କୌଣସି ସଂଶୋଧନ କେବଳ ବ୍ୟାଙ୍କର ୱେବସାଇଟ୍ ରେ ପ୍ରକାଶ ପାଇବ।

ସ୍ଥାନ : ବାଲେଶ୍ୱର,
ତାରିଖ : ୨୭.୧୦.୨୦୨୬

ସା/-କ୍ଷେତ୍ରୀୟ ପ୍ରବନ୍ଧକ (ଆରବିଓ-୨),
କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ, ବାଲେଶ୍ୱର

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

SBI

କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ: ଆରବିଓ - ୨, ବାଲେଶ୍ୱର, ୧ମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ ଗୃହ, ବାଲେଶ୍ୱର, ଶିଳ୍ପାଞ୍ଚଳ କ୍ଷେତ୍ର, ଓ.ଟି. ରୋଡ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧, ଇ-ମେଲ୍ - cmops2.aobal@sbi.co.in ; rm2.aobal@sbi.co.in

ଏସ୍‌ବିଆଇ- ଅନନ୍ତପୁର, ବାଲିଆପାଳ, ଫତେପୁର ଏବଂ ଆରଡି ଶାଖାର ପରିସରକୁ ସ୍ଥାନାନ୍ତରଣ ପାଇଁ ଲିଜ୍ ଭିତ୍ତିରେ ବାଣିଜ୍ୟିକ ଗୃହ ପରିସର ଆବଶ୍ୟକ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ(ଆରବିଓ-୨) ବାଲେଶ୍ୱର, ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଉତ୍ତମ ଗମନାଗମନ ଏବଂ ପାର୍କିଂ ସୁବିଧା ସହିତ ଆବଶ୍ୟକୀୟ ସ୍ଥାନରେ **ବିଶେଷତଃ ତଳ ମହଲାରେ** ପ୍ରସ୍ତୁତ ରହିଥିବା ଗୃହ କିମ୍ବା ଏହି ବିଜ୍ଞାପନ ପ୍ରକାଶନ ତାରିଖଠାରୁ **୬ ମାସ** ମଧ୍ୟରେ କୋଠା ହସ୍ତାନ୍ତର ପାଇଁ ପ୍ରସ୍ତୁତ/ଖୋଲା ପ୍ଲଟ୍ ଏବଂ ଅଧିକୃତ ନିମନ୍ତେ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକୀୟ ବାଣିଜ୍ୟିକ ଗୃହ ପାଇଁ ମାଲିକାନା ଥିବା ପିଏସୟୁ/ସରକାରୀ ବିଭାଗ/ପ୍ରମୋଟର୍ସ/ଘରୋଇ ପକ୍ଷ/ଟ୍ରଷ୍ଟମାନଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ଆଗ୍ରହୀ ପକ୍ଷମାନେ ସମ୍ପୃକ୍ତ ଟେଣ୍ଡର କାଗଜାତ୍ ୱେବସାଇଟ୍ **https://sbi.bank.in/web/sbi-in-the-news** ଅନ୍ତର୍ଗତ **"SBI in the News - Procurement News"**ରୁ ତା.୨୭.୧୦.୨୦୨୬ରିଖରୁ ତା.୧୭.୧୧.୨୦୨୬ରିଖ ମଧ୍ୟରେ ଡାଉନ୍‌ଲୋଡ କରିପାରିବେ। ଉପରଦର୍ଶିତ ଠିକଣାରେ **୨ଟି କଭର ବ୍ୟବସ୍ଥା** ମାଧ୍ୟମରେ, ବ୍ୟକ୍ତିଗତ ଭାବେ କିମ୍ବା ଡାକ ଦ୍ୱାରା, ତା.୧୮.୧୧.୨୦୨୬ରିଖ **ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପ୍ରସ୍ତାବ ଦାଖଲ କରିପାରିବେ।

କ୍ର. ନଂ.	ଶାଖାର ନାମ	ଟେଣ୍ଡର ନଂ.	ଆବଶ୍ୟକୀୟ ସ୍ଥାନ	ଆବଶ୍ୟକ କାର୍ପେଟ୍ ଏରିଆ (+/-୧୦%)	ଖୋଲା ପାର୍କିଂ ସ୍ଥାନ ଏବଂ ଡିଜି ସ୍ଥାନ	୩ଫେଜ୍ ସ୍ଥିର ବିଦ୍ୟୁତ ସଂଯୋଗ
୧.	ଏସ୍‌ବିଆଇ-ଅନନ୍ତପୁର (୧୩୫୮୧)	AO/BLS/R-II/ OCT/2026-27/03 Dated: 27.10.2026	ବର୍ତ୍ତମାନସ୍ଥ ଶାଖାର ନିକଟବର୍ତ୍ତୀ ଅଞ୍ଚଳ	୩୦୦୦ ବର୍ଗଫୁଟ	୧୦୦୦-୧୫୦୦ ବର୍ଗଫୁଟ	୪୦ KW
୨.	ଏସ୍‌ବିଆଇ-ବାଲିଆପାଳ (୧୨୯୫୮)	AO/BLS/R-II/ OCT/2026-27/04 Dated: 27.10.2026	ବର୍ତ୍ତମାନସ୍ଥ ଶାଖାର ନିକଟବର୍ତ୍ତୀ ଅଞ୍ଚଳ	୩୦୦୦ ବର୍ଗଫୁଟ	୧୦୦୦-୧୫୦୦ ବର୍ଗଫୁଟ	୪୦ KW
୩.	ଏସ୍‌ବିଆଇ-ଫତେପୁର (୦୬୪୧୮)	AO/BLS/R-II/ OCT/2026-27/05 Dated: 27.10.2026	ବର୍ତ୍ତମାନସ୍ଥ ଶାଖାର ନିକଟବର୍ତ୍ତୀ ଅଞ୍ଚଳ	୩୦୦୦ ବର୍ଗଫୁଟ	୧୦୦୦-୧୫୦୦ ବର୍ଗଫୁଟ	୪୦ KW
୪.	ଏସ୍‌ବିଆଇ-ଆରଡି (୦୬୪୭୨)	AO/BLS/R-II/ OCT/2026-27/06 Dated: 27.10.2026	ବର୍ତ୍ତମାନସ୍ଥ ଶାଖାର ନିକଟବର୍ତ୍ତୀ ଅଞ୍ଚଳ	୩୦୦୦ ବର୍ଗଫୁଟ	୧୦୦୦-୧୫୦୦ ବର୍ଗଫୁଟ	୪୦ KW

ଦ୍ରଷ୍ଟବ୍ୟ: ଏହି ସମ୍ବନ୍ଧୀୟ କୌଣସି ସଂଶୋଧନ କେବଳ ବ୍ୟାଙ୍କର ୱେବସାଇଟ୍ ରେ ପ୍ରକାଶ ପାଇବ।

ସ୍ଥାନ : ବାଲେଶ୍ୱର
ତାରିଖ : ୨୭.୧୦.୨୦୨୬

ସା/-କ୍ଷେତ୍ରୀୟ ପ୍ରବନ୍ଧକ (ଆରବିଓ-୨),
କ୍ଷେତ୍ରୀୟ ବ୍ୟବସାୟିକ ଏବଂ ପରିଚାଳନା କାର୍ଯ୍ୟାଳୟ, ବାଲେଶ୍ୱର

ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍ IREL (India) Limited
(ଭାରତ ସରକାରଙ୍କ ଏକ ଉଦ୍ୟୋଗ) (A Government of India Undertaking)
ମିନିରତ୍ନ-୧ ଶ୍ରେଣୀଭୁକ୍ତ ଏକ କମ୍ପାନୀ A Miniratna-I Company
ୱେବ୍‌ସାଇଟ୍ / website: www.irel.co.in

ଟ୍ରେଡ୍ସମ୍ୟାନ୍ ଟ୍ରେନିମାନଙ୍କ ନିଯୁକ୍ତି ସୂଚନା

RECRUITMENT OF TRADESMAN TRAINEES

ବିଜ୍ଞାପନ ସଂଖ୍ୟା IREL/CO/HRM/36/2026 Advertisement No. IREL/CO/HRM/36/2026

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନିମ୍ନଲିଖିତ ବିଭିନ୍ନ ପଦରେ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଅନ୍‌ଲାଇନ୍ ଆବେଦନମାନ ଆହ୍ୱାନ କରାଯାଉଅଛି: IREL (India) Limited has invited online applications from Indian citizens for various posts, as follows:

କ୍ର. Sl.	ପଦର ନାମ Name of Post	ପଦ ସଂ. No. of Posts
1	ଟ୍ରେଡ୍ସମ୍ୟାନ୍ ଟ୍ରେନି (ଫିଟର୍)/Tradesman Trainee (Fitter)	93
2	ଟ୍ରେଡ୍ସମ୍ୟାନ୍ ଟ୍ରେନି (ଇଲେକ୍ଟ୍ରିସିଆନ୍)/Tradesman Trainee (Electrician)	12
3	ଟ୍ରେଡ୍ସମ୍ୟାନ୍ ଟ୍ରେନି (ଇନ୍‌ଷ୍ଟ୍ରୁମେଣ୍ଟେସନ୍)/Tradesman Trainee (Instrumentation)	6
4	ଟ୍ରେଡ୍ସମ୍ୟାନ୍ ଟ୍ରେନି (ଏଓସିପି)/ Tradesman Trainee (Attendant Operator Chemical Plant)	20
	ମୋଟ ରିକ୍ତ ପଦ ସଂଖ୍ୟା / TOTAL NO. OF VACANCIES	131

ରିକ୍ତ ପଦଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ, ଯଥା ଯୋଗ୍ୟତା, ଅଭିଜ୍ଞତା, ବେତନ ହାର ଇତ୍ୟାଦି ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ୱେବସାଇଟ୍ www.irel.co.inରେ ଉପଲବ୍ଧ ଅଛି। ଏହି ବିଜ୍ଞାପନ ସମ୍ପର୍କିତ ଯେକୌଣସି ପ୍ରଶ୍ନ / ସୂଚନା/ ବିସ୍ତୃତ ବିବରଣୀ/ ଶୁଦ୍ଧିପତ୍ର ଇତ୍ୟାଦି କେବଳ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ୱେବ୍‌ସାଇଟ୍ www.irel.co.inରେ ହିଁ ଉପଲବ୍ଧ କରାଯିବ।

Full details of vacancies viz. Qualifications, Experience, Scale of pay etc. are available at IREL (India) Ltd. website www.irel.co.in. Any queries/ information/extension/ corrigendum etc. with respect to this advertisement shall be made available on the IREL website www.irel.co.in only.

ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ ୧୩.୧୧.୨୦୨୬ ଅଟେ।
Last date of submission of online application is 13.11.2026.

cbc 48146/11/0015/2627

ଏଲ୍‌ପିଜି ବିତରକଙ୍କ ନିଯୁକ୍ତ ନିମନ୍ତେ ବିଜ୍ଞପ୍ତି

IndianOil | Bharat Petroleum | HP

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ (IOCL), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (BPCL) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (HPCL) ଓଡ଼ିଶା ରାଜ୍ୟରେ ନିମ୍ନ ଉଲ୍ଲେଖିତ ସ୍ଥାନଗୁଡ଼ିକରେ ବିଭିନ୍ନ ବର୍ଗ ଅଧୀନରେ ସମ୍ପୃକ୍ତ ବର୍ଗର ପ୍ରାର୍ଥୀମାନଙ୍କୁ ଏଲପିଜି ବିତରକ ଭାବେ ନିଯୁକ୍ତ କରିବାକୁ ପ୍ରସ୍ତାବ ରଖୁଛନ୍ତି।

କ୍ର. ସଂ.	ଅଏଲ୍ କମ୍ପାନୀ	ସ୍ଥାନ	ଗ୍ରାମ ପଞ୍ଚାୟତ	ସବ୍ - ଡିଭିଜନ	ବ୍ଲକ୍	ଜିଲ୍ଲା	ବର୍ଗ	ବଜାର/ଏଲପିଜି ବିତରଙ୍କ ପ୍ରକାର	ସୁରକ୍ଷା ଜମା ପରିମାଣ (ପରିମାଣ ଲକ୍ଷରେ)	ମାର୍କେଟିଙ୍ଗ ଯୋଜନା
୧	IOCL	ଭାଲେଗାଁ	ଭାଲେଗାଁ	ଟିଟିଲାଗଡ଼	ଟିଟିଲାଗଡ଼	ବଲାଙ୍ଗୀର	ଓବିସି	ଡିକେଭି	୩	୨୦୧୭-୧୮
୨	IOCL	କୁଲିଆବନ୍ଧା, ଭୋଥା	କୁଲିଆବନ୍ଧା	ନୂଆପଡ଼ା	ନୂଆପଡ଼ା	ନୂଆପଡ଼ା	ଏସ୍‌ଟି	ଡିକେଭି	୨	୨୦୧୬-୧୭
୩	IOCL	ସୁବର୍ଣ୍ଣଗିରି, ସିଦ୍ଧିଗୁଡ଼ା, ଜାକେସି, କୁଟିଗୁଡ଼ା	ସୁବର୍ଣ୍ଣଗିରି, ଓରା	ବାଲିଗୁଡ଼ା	କୋଟଗଡ଼	କନ୍ଧମାଳ	ସାଧାରଣ	ଡିକେଭି	୪	୨୦୧୬-୧୭
୪	IOCL	କଳମପୁର, ଘୋଡ଼ାବନ୍ଧ, କସାବାହି, ଶାଗବାରି, ବରଗାଁ, ପଣ୍ଡିଗାଁ	କଳମପୁର	ଧର୍ମଗଡ଼	କଳମପୁର	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୩-୧୪
୫	IOCL	କେସରା ମାଳ, ଅଲଣ୍ଡା	କେସରାମାଳ, ଅଲଣ୍ଡା	ସୁନ୍ଦରଗଡ଼	ରାଜଗାଙ୍ଗପୁର	ସୁନ୍ଦରଗଡ଼	ସାଧାରଣ	ଡିକେଭି	୪	୨୦୧୭-୧୮
୬	IOCL	ଟିକାଏତପାଲି, ବଳିତାକୁଦର ଖଣ୍ଡୁରିବାହାଲ	କଷଡ଼ା	ବଣାଇଗଡ଼	ବଣେଇ	ସୁନ୍ଦରଗଡ଼	ଏସ୍‌ଟି	ଡିକେଭି	୨	୨୦୧୭-୧୮
୭	IOCL	ଗଡ଼ିଖମାର, ହୋଟାଗୁଡ଼ା	ହୋଟାଗୁଡ଼ା	କୋରାପୁଟ	ସିମିଳିଗୁଡ଼ା	କୋରାପୁଟ	ସାଧାରଣ	ଡିକେଭି	୪	୨୦୧୬-୧୭
୮	IOCL	ଗୁରୁଣ୍ଡିଆ, ବଡ଼ଗାଁ	ଗୁରୁଣ୍ଡିଆ	ବେଣାଇଗଡ଼	ଗୁରୁଣ୍ଡିଆ	ସୁନ୍ଦରଗଡ଼	ସାଧାରଣ	ଡିକେଭି	୪	୨୦୧୬-୧୭
୯	IOCL	ଲାଇମୁରା, ଲମ୍ବୋରା	ଲାଇମୁରା	ଦେଓଗଡ଼	ତିଲେଇବଣି	ଦେଓଗଡ଼	ସାଧାରଣ	ଡିକେଭି	୪	୨୦୧୭-୧୮
୧୦	IOCL	ଛକପଡ଼ା, ବ୍ରାହ୍ମଣପଡ଼ା	ଛକପଡ଼ା	ଛକପଡ଼ା	ଛକପଡ଼ା	କନ୍ଧମାଳ	ଏସ୍‌ଟି	ଗ୍ରାମୀଣ	୪	ଚୁକ୍ତି ବାତିଲ
୧୧	IOCL	ଦୁରେକେଲା	ଦୁରେକେଲା	ଟିଟିଲାଗଡ଼	ଦୁରେକେଲା	ବଲାଙ୍ଗୀର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୨	IOCL	ତିରିଙ୍ଗଡିହି, ଟେଙ୍ଗଯୋଡ଼ା	ତିରିଙ୍ଗ	ବାମନଘାଟି	ତିରିଙ୍ଗ	ମୟୂରଭଞ୍ଜ	ସାଧାରଣ	ଡିକେଭି	୪	୨୦୧୬-୧୭
୧୩	IOCL	ରାହୁଆ, ଦୁଙ୍ଗାସୁଳ, ସ୍ୱର୍ଗଛିଡ଼ା	ସ୍ୱର୍ଗଛିଡ଼ା	ବାରିପଦା	କୋଳିଅଣା	ମୟୂରଭଞ୍ଜ	ଓବିସି	ଡିକେଭି	୩	୨୦୧୭-୧୮
୧୪	IOCL	ରାଜନଗର		କେନ୍ଦ୍ରାପଡ଼ା	ରାଜନଗର	କେନ୍ଦ୍ରାପଡ଼ା	ଏସ୍‌ସି	ରୁର୍ବାନ	୩	ଚୁକ୍ତି ବାତିଲ
୧୫	IOCL	ବ୍ରହ୍ମପୁର (ପୂର୍ବର ବରହମପୁର)	-	ବ୍ରହ୍ମପୁର	ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ	ଗଞ୍ଜାମ	ସାଧାରଣ (ମହିଳା)	ସେହେରୀ	୫	ଚୁକ୍ତି ବାତିଲ
୧୬	BPCL	ମହୁଲିଆ, ଅଭିମାନପୁର, ମାଣିଆବନ୍ଧ, କଙ୍କଡ଼ାଯୋଡ଼ି	ମହୁଲିଆ	ଆଠଗଡ଼	ଆଠଗଡ଼	କଟକ	ଓବିସି	ଡିକେଭି	୩	ଚୁକ୍ତି ବାତିଲ
୧୭	BPCL	ଖମଣ, ଯଣେଶ୍ୱର, କନ୍ଦ୍ରା	କନ୍ଦ୍ରା	ଯାଜପୁର	କୋରେଇ	ଯାଜପୁର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୮	BPCL	ଲୋଇସିଂହା	ଲୋଇସିଂହା	ବଲାଙ୍ଗିର	ଲୋଇସିଂହା	ବଲାଙ୍ଗିର	ସାଧାରଣ	ଡିକେଭି	୪	ଚୁକ୍ତି ବାତିଲ
୧୯	BPCL	ସାରଙ୍ଗଗଡ଼, ଗୁଣ୍ଡାଗ୍ରାମ	ସାରଙ୍ଗଗଡ଼	ବାଲିଗୁଡ଼ା	କେ. ନୂଆଗାଁ	କନ୍ଧମାଳ	ସାଧାରଣ	ଡିକେଭି	୪	୨୦୧୬-୧୭
୨୦	BPCL	ମୋତିଗାଁ, ପାପୁନି	ମୋତିଗାଁ	ନବରଙ୍ଗପୁର	କୋଷାଗୁମୁଡ଼ା	ନବରଙ୍ଗପୁର	ସାଧାରଣ	ଡିକେଭି	୪	୨୦୧୬-୧୮
୨୧	HPCL	ନିଜିଗଡ଼ (ହିନ୍ଦୋଳ), ପଠାଣିପୋଟା	ନିଜିଗଡ଼ (ହିନ୍ଦୋଳ)		ହିନ୍ଦୋଳ	ଢେଙ୍କାନାଳ	ଏସ୍‌ଟି	ଗ୍ରାମୀଣ	୨	୨୦୧୭-୧୮
୨୨	HPCL	ସାଲିମି	ସାଲିମି		ମାଥିଲି	ମାଲକାନଗିରି	ସାଧାରଣ	ଗ୍ରାମୀଣ	୪	୨୦୧୭-୧୮
୨୩	HPCL	କୁଲସିଙ୍ଗ, ତେଙ୍ଗିଣି ଗରଙ୍ଗ	କୁଲସିଙ୍ଗ		ଗୁଣପୁର	ରାୟଗଡ଼ା	ଓବିସି	ଗ୍ରାମୀଣ	୩	୨୦୧୭-୧୮
୨୪	HPCL	ରାୟଗଡ଼, ସୁନାପୁର	ରାୟଗଡ଼	ପାରଳାଖେମୁଣ୍ଡି	ରାୟଗଡ଼	ଗଜପତି	ସାଧାରଣ	ଡିକେଭି	୪	୨୦୧୬-୧୭
୨୫	HPCL	ଗୁଣପୁର, ପାନଭାତ, ପୋଲିଙ୍ଗପଦର	ଗୁଣପୁର	ଭବାନୀପାଟଣା	ଟି. ରାମପୁର	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୭-୧୮
୨୬	HPCL	ଲାଞ୍ଜିଗଡ଼ ରୋଡ଼, ବରାବାହାଲି, ଗଜରାଜପୁର	ଲାଞ୍ଜିଗଡ଼ ରୋଡ଼	ଭବାନୀପାଟଣା	ଲାଞ୍ଜିଗଡ଼	କଳାହାଣ୍ଡି	ସାଧାରଣ	ଡିକେଭି	୪	୨୦୧୭-୧୮
୨୭	HPCL	ଦେଓଝର	ଦେଓଝର	ଚମ୍ପୁଆ	ଯୋଡ଼ା	କେନ୍ଦୁଝର	ଏସ୍‌ସି	ଡିକେଭି	୨	୨୦୧୭-୧୮
୨୮	HPCL	କୁମାରୀପୁଟ, ଗିଡିଞ୍ଜିଖାଲ	କୁମାରୀପୁଟ		ବନ୍ଧୁଗାଁ	କୋରାପୁଟ	ସାଧାରଣ (ମହିଳା)	ଗ୍ରାମୀଣ	୩	୨୦୧୭-୧୮

୧. ଯୋଗ୍ୟତା ମାନଦଣ୍ଡ, ବର୍ଗର ନାମକରଣ ଇତ୍ୟାଦି ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞପ୍ତି ଏବଂ ଅନଲାଇନ୍ ଆବେଦନ ୱେବସାଇଟ୍ www.lpgvitarakchayan.inରେ ଉପଲବ୍ଧ ଅଛି। ଅନଲାଇନ୍ ଆବେଦନ ଫର୍ମ ପୂରଣ କରିବା ପୂର୍ବରୁ ପ୍ରାର୍ଥୀମାନେ www.lpgvitarakchayan.in ପୋର୍ଟାଲରେ ଉପଲବ୍ଧ 'ଆବେଦନକାରୀଙ୍କ ପାଇଁ ବ୍ୟବହାରକାରୀ ମାନୁଆଲ୍ - LPG VITARAK CHAYAN'କୁ ଭଲଭାବେ ପଢ଼ିବାକୁ ଅନୁରୋଧ କରାଯାଉଛି।
୨. ଏଲପିଜି ବିତରକ ଚୟନ ପାଇଁ ଯୋଗ୍ୟତା ମାନଦଣ୍ଡ, ଏଲପିଜି ଗୋଦାମ ଓ ଶୋରୁମ୍ ପାଇଁ ଆବଶ୍ୟକ ଭିତ୍ତିଭୂମି, ସିଲିଣ୍ଡରଗୁଡ଼ିକର ଘରୋଇ ବିତରଣ ଇତ୍ୟାଦି ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ସହିତ ଏଲପିଜି ବିତରକ ଚୟନ ନିମନ୍ତେ ଚୟନ ପ୍ରକ୍ରିୟାର ବିସ୍ତୃତ ବିବରଣୀ ବ୍ରୋଚରରେ ଦିଆଯାଇଛି। ଏହାକୁ ସମ୍ପୃକ୍ତ ତୈଳ କମ୍ପାନୀଗୁଡ଼ିକର ୱେବସାଇଟ୍ ଯଥାକ୍ରମେ IOCL ନିମନ୍ତେ www.iocl.com, BPCL ନିମନ୍ତେ www.bharatpetroleum.in ଓ HPCL ନିମନ୍ତେ www.hindustanpetroleum.com ଏବଂ www.lpgvitarakchayan.inରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ।
୩. ଏଲପିଜି ବିତରକ ପଦବୀ ପାଇଁ ଆବେଦନ ସହିତ ପ୍ରଯୁଜ୍ୟ ଅଣ-ଫେରସ୍ତଯୋଗ୍ୟ ଆବେଦନ ଶୁଳ୍କର ଅନଲାଇନ୍ ପେମେଣ୍ଟ ୨୬.୧୧.୨୦୨୬ ତାରିଖ ୧୭:୦୦ ଘଟିକା ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦାଖଲ କରିବାକୁ ହେବ।
୪. ଉପରୋକ୍ତ ଶେଷ ତାରିଖ ଓ ସମୟ ପରେ ଅନଲାଇନ୍ ଆବେଦନ ଦାଖଲ ସୁବିଧା ତୁରନ୍ତ ବନ୍ଦ କରିଦିଆଯିବ।
୫. ଆବେଦନ ଦାଖଲ କରିବା ପୂର୍ବରୁ ପ୍ରାର୍ଥୀମାନେ ନିଜ ସ୍ୱାର୍ଥରେ 'ବ୍ରୋଚର' କୁ ଭଲଭାବେ ପଢ଼ି ଚୟନର ସର୍ତ୍ତାବଳୀ ବୁଝିନେବା ଉଚିତ।
୬. ନିଗମଗୁଡ଼ିକ (IOCL / BPCL / HPCL) କୌଣସି କାରଣ ନଦର୍ଶାଇ ନିଜସ୍ୱ ବିବେଚନା ଅନୁଯାୟୀ ଏହି ବିଜ୍ଞପ୍ତିକୁ ବାତିଲ୍, ପ୍ରତ୍ୟାହାର କିମ୍ବା ସଂଶୋଧନ କରିବା, ଅଥବା ନିର୍ଦ୍ଧାରିତ ଅନ୍ତିମ ତାରିଖକୁ ବୃଦ୍ଧି କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।
୭. ଇଂରାଜୀରେ ପ୍ରକାଶିତ ବିଜ୍ଞପ୍ତି ଏବଂ ଆଞ୍ଚଳିକ ଭାଷାରେ ପ୍ରକାଶିତ ବିଜ୍ଞପ୍ତି ମଧ୍ୟରେ କୌଣସି ପାର୍ଥକ୍ୟ ଥିଲେ, ଆଞ୍ଚଳିକ ଭାଷାର ସଂସ୍କରଣରେ ଉଲ୍ଲେଖିତ ନିର୍ଦ୍ଦେଶ ସୂଚନା ପ୍ରାଧାନ୍ୟ ପାଇବ।
୮. କୌଣସି ଶୁଦ୍ଧିପତ୍ର ଥିଲେ, ତାହା କେବଳ ୱେବସାଇଟ୍ www.lpgvitarakchayan.inରେ ପ୍ରକାଶିତ ହେବ।
୯. ପ୍ରାର୍ଥୀମାନେ ୱେବସାଇଟ୍ www.lpgvitarakchayan.inରେ ଦିଆଯାଇଥିବା ବିବରଣୀ ଅନୁଯାୟୀ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ଏହାର ଉତ୍ତର ଦେଖିପାରିବେ ଏବଂ ସମ୍ପୃକ୍ତ ନିଗମର ଖେତ୍ର କାର୍ଯ୍ୟାଳୟ / ପ୍ରାଦେଶିକ କାର୍ଯ୍ୟାଳୟ / ଆଞ୍ଚଳିକ କାର୍ଯ୍ୟାଳୟ ସହିତ ମଧ୍ୟ ଯୋଗାଯୋଗ କରିପାରିବେ।